# ଚତୁର୍ଥ ଅଧ୍ୟାୟ

## ଆମ ଦେଶ ଓ ଆମ ପୃଥିବୀ

ଶିକ୍ଷକ ପିଲାମାନଙ୍କୁ ଗ୍ଲୋବ ଦେଇ କହିବେ ଗ୍ଲୋବଟିକୁ ଦେଖ ଓ ସେଥିରେ ଯାହା ସବୁ ଦେଖୁଛ ଲେଖ ।



ଗ୍ଲୋବ୍


■

■

■

■

ଗ୍ଲୋବ୍ ଉପରେ ଠିକ୍ ମଧ୍ୟଭାଗରେ **ବିଷୁବ ବୃତ୍ତ**କୁ ଦେଖ । ଏହି ବୃତ୍ତ ପୃଥିବୀକୁ ଦୁଇଭାଗରେ ଭାଗ କରୁଛି । ଏହି ବୃତ୍ତର ଉପର ଭାଗକୁ ଉତ୍ତର ଗୋଲାର୍ଦ୍ଧ ଓ ତଳ ଭାଗକୁ ଦକ୍ଷିଣ ଗୋଲାର୍ଦ୍ଧ କୁହାଯାଏ । ଉଭୟ ଗୋଲାର୍ଦ୍ଧରେ ଆହୁରି କେତେକ ବୃତ୍ତ ଅଙ୍କା ଯାଇଛି ଦେଖ । ବିଷୁବ ବୃତ୍ତର ଉଭୟ ପାର୍ଶ୍ୱରେ ଅଳ୍ପଦୂରରେ ସମାନ ବ୍ୟବଧାନରେ ଗୋଟିଏ ଗୋଟିଏ ବୃତ୍ତ ଥିବାର ଦେଖ । ଉତ୍ତର ଭାଗରେ ଥିବା ବୃତ୍ତକୁ କର୍କଟକ୍ରାନ୍ତି ଓ ଦକ୍ଷିଣ ଭାଗରେ ଥିବା ବୃତ୍ତକୁ ମକରକ୍ରାନ୍ତି କୁହାଯାଏ । ଉତ୍ତର ଗୋଲାର୍ଦ୍ଧର ପ୍ରାନ୍ତକୁ ସୁମେରୁ ବା ଉତ୍ତର ମେରୁ ଓ ଦକ୍ଷିଣ ଗୋଲାର୍ଦ୍ଧର ପ୍ରାନ୍ତକୁ କୁମେରୁ ବା ଦକ୍ଷିଣ ମେରୁ କୁହାଯାଏ । ସୁମେରୁ ନିକଟରେ ଥିବା ବୃତ୍ତକୁ **ସୁମେରୁ ବୃତ୍ତ** ଓ କୁମେରୁ ନିକଟରେ ଥିବା ବୃତ୍ତକୁ **କୁମେରୁ ବୃତ୍ତ** କୁହାଯାଏ । ସୁମେରୁ ବୃତ୍ତରୁ ସୁମେରୁ ପର୍ଯ୍ୟନ୍ତ ଓ କୁମେରୁ ବୃତ୍ତରୁ କୁମେରୁ ପର୍ଯ୍ୟନ୍ତ ଥିବା ଅଞ୍ଚଳକୁ ମେରୁ ଅଞ୍ଚଳ କୁହାଯାଏ ।




ପୃଥିବୀ


ପୃଥିବୀ ଉପରେ ଏହିସବୁ ବୃତ୍ତ ଦେଖିବାକୁ ମିଳେ ନାହିଁ । ଏଗୁଡ଼ିକ କେବଳ କଳ୍ପନା କରାଯାଇ ଗ୍ଲୋବରେ / ମାନଚିତ୍ରରେ ଅଙ୍କନ କରାଯାଇଛି ।

ଆସ ଆଉଥରେ ଗ୍ଲୋବ୍‌କୁ ଦେଖିବା । ଗ୍ଲୋବରେ ବିଭିନ୍ନ ସ୍ଥାନରେ ବିଭିନ୍ନ ରଙ୍ଗ ଦିଆଯାଇଛି । ଏହି ରଙ୍ଗଗୁଡ଼ିକ ମଧ୍ୟରୁ ନୀଳ ରଙ୍ଗ ଜଳଭାଗକୁ ସୂଚାଏ । ସ୍ଥଳଭାଗକୁ ସବୁଜ, ବାଦାମୀ, ହଳଦିଆ ରଙ୍ଗ ଦ୍ୱାରା ସୂଚିତ କରାଯାଇଛି । ବଡ଼ ବଡ଼ ଜଳଭାଗଥିବା ଅଞ୍ଚଳଗୁଡ଼ିକୁ ମହାସାଗର ବା ସାଗର କୁହାଯାଏ । ଗ୍ଲୋବକୁ ଦେଖି ମହାସାଗରଗୁଡ଼ିକ ଚିହ୍ନାଅ ଓ ସେଗୁଡ଼ିକର ନାମ ଲେଖ ।

| | | |
|---|---|---|
| ୧. ପ୍ରଶାନ୍ତ ମହାସାଗର | ୨. | ୩. |
| ୪. | ୫. | |

ବଡ଼ ବଡ଼ ସ୍ଥଳଭାଗଗୁଡ଼ିକୁ ମହାଦେଶ କୁହାଯାଏ । ଗ୍ଲୋବ୍‌ରୁ ଦେଖି ମହାଦେଶଗୁଡ଼ିକ ଚିହ୍ନାଅ ଓ ନାମ ଲେଖ ।

| | | |
|---|---|---|
| ୧. ଏସିଆ | | ୫. |
| ୨. | ୪. | ୬. |
| ୩. | | ୭. |



ଆଉଥରେ ଗ୍ଲୋବ ବା ମାନଚିତ୍ରକୁ ଦେଖ । ସେଥିରେ ଏସିଆ ମହାଦେଶକୁ ଦେଖ । ଆମ ଦେଶକୁ ଚିହ୍ନାଅ ।



ପୃଥିବୀର ରାଜନୈତିକ ମାନଚିତ୍ର

ଏବେ ଭାରତ ଚାରିପଟେ କେଉଁ କେଉଁ ଦେଶ, ସାଗର, ମହାସାଗର ଅଛି, ଚିହ୍ନଟ କର ଓ ସେଗୁଡ଼ିକର ନାମ ତଳେ ଲେଖ ।

| ଦେଶ | ସାଗର / ମହାସାଗର |
|---|---|
| | |
| | |
| | |

ମାନଚିତ୍ରରେ ଆମେ ଦେଖିଲେ ଏସିଆ ମହାଦେଶର ଦକ୍ଷିଣ ଭାଗରେ ଭାରତ ଅବସ୍ଥିତ । ଭାରତର ଦକ୍ଷିଣ ଅଂଶ ଅଣଓସାରିଆ ହୋଇ ଜଳଭାଗକୁ ପ୍ରବେଶ କରିଛି । ଭାରତର ତିନି ପାଖରେ ଜଳଭାଗ ରହିଛି । ସେଗୁଡ଼ିକ ହେଲା ଆରବ ସାଗର, ବଙ୍ଗୋପସାଗର, ଭାରତ ମହାସାଗର । ଭାରତର ମୁଖ୍ୟ ସ୍ଥଳଭାଗରୁ ଅଲଗା ହୋଇ ଛୋଟ ସ୍ଥଳଭାଗଟି ବଙ୍ଗୋପସାଗରରେ ଅଛି । ତାହାର ନାମ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ । ସ୍ଥଳଭାଗର ଚାରିପଟେ ଜଳଭାଗ ଥିବାରୁ ଏହାକୁ ଦ୍ୱୀପ କହୁଛେ । ଅନେକ ଗୁଡ଼ିଏ ଦ୍ୱୀପର ସମାହାରକୁ ଦ୍ୱୀପପୁଞ୍ଜ କୁହାଯାଏ । ସେହିଭଳି ଭାରତର ସ୍ଥଳଭାଗର ଆଉ ଏକ ଅଂଶ ଆରବ ସାଗରରେ ଅଛି । ତା'ର ନାମ ହେଉଛି ଲାକ୍ଷାଦ୍ୱୀପ ।

## ଆମେ କ'ଣ ଶିଖିଲେ :

- ଆମ ପୃଥିବୀର ଉତ୍ତର ପ୍ରାନ୍ତକୁ ଉତ୍ତର ମେରୁ ବା ସୁମେରୁ, ଦକ୍ଷିଣ ପ୍ରାନ୍ତକୁ ଦକ୍ଷିଣ ମେରୁ ବା କୁମେରୁ କୁହାଯାଏ ।
- ଗୋଟିଏ କାଳ୍ପନିକ ରେଖା ପୃଥିବୀକୁ ଦୁଇ ଭାଗରେ ବିଭକ୍ତ କରେ । ସେହି କାଳ୍ପନିକ ରେଖାକୁ ବିଷୁବ ରେଖା କୁହାଯାଏ ।
- ବିଷୁବ ବୃତ୍ତଠାରୁ ସମାନ ଦୂରରେ ଉତ୍ତର ଗୋଲାର୍ଦ୍ଧରେ କର୍କଟକ୍ରାନ୍ତି ଓ ଦକ୍ଷିଣ ଗୋଲାର୍ଦ୍ଧରେ ମକରକ୍ରାନ୍ତି ରେଖା କଳ୍ପନା କରାଯାଇଛି । ଆମ ଦେଶ ଦେଇ କର୍କଟକ୍ରାନ୍ତି ରେଖା ଯାଇଛି ।
- ଗ୍ଲୋବରେ ନୀଳରଙ୍ଗ ଦିଆଯାଇଥବା ଅଂଶ ଜଳଭାଗ ଏବଂ ସବୁଜ, ବାଦାମି, ହଳଦିଆ ପ୍ରଭୃତି ରଙ୍ଗ ଦିଆଯାଇଥିବା ଅଂଶ ସ୍ଥଳଭାଗ ।
- ପୃଥିବୀରେ ଥିବା ୫ଟି ମହାସାଗର ହେଲା - ପ୍ରଶାନ୍ତ ମହାସାଗର, ଆଟ୍‌ଲାଣ୍ଟିକ ମହାସାଗର, ଭାରତ ମହାସାଗର, ଉତ୍ତର ମହାସାଗର ଓ ଦକ୍ଷିଣ ମହାସାଗର ।
- ପୃଥିବୀର ମହାଦେଶଗୁଡ଼ିକ ହେଉଛି – ଏସିଆ, ଇଉରୋପ, ଆଫ୍ରିକା, ଅଷ୍ଟ୍ରେଲିଆ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଓ ଆଣ୍ଟାର୍କଟିକା ।
- ଆମଦେଶ ଭାରତ ଏସିଆ ମହାଦେଶରେ ଅବସ୍ଥିତ । ଏହାର ତିନିପଟକୁ ଜଳଭାଗ ଘେରି ରହିଛି । (ବଙ୍ଗୋପସାଗର, ଭାରତ ମହାସାଗର, ଆରବସାଗର) ।
- ଭାରତର ଏକ ଅଂଶ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ବଙ୍ଗୋପସାଗରରେ ମଧ୍ୟରେ ରହିଛି ।
- ଆଉ ଗୋଟିଏ ଅଂଶ ଲାକ୍ଷାଦ୍ୱୀପ, ଆରବ ସାଗରରେ ଅଛି ।
- ଭାରତର ପଡ଼ୋଶୀ ଦେଶଗୁଡ଼ିକ ହେଲା ପାକିସ୍ତାନ, ଚୀନ, ନେପାଳ, ଭୂଟାନ, ବାଙ୍ଗ୍‌ଲାଦେଶ, ମିଆଁମାର୍ ଓ ଶ୍ରୀଲଙ୍କା ।

# ଅଭ୍ୟାସ

୧.  କୋଠରିରେ ଠିକ୍ ଉତ୍ତରଟି ଗୋଟିଏ ବା ଦୁଇଟି ଶବ୍ଦରେ ଲେଖ ।

କ)  ଭାରତ କେଉଁ ମହାଦେଶରେ ଅଛି ?

ଖ)  ମକର କ୍ରାନ୍ତି କେଉଁ ଗୋଲାର୍ଦ୍ଧରେ ଅଛି ?

ଗ)  କର୍କଟ କ୍ରାନ୍ତି କେଉଁ ଗୋଲାର୍ଦ୍ଧରେ ଅଛି ?

ଘ)  କେଉଁଟି ଭାରତର ପଶ୍ଚିମରେ ଅବସ୍ଥିତ ପଡ଼ୋଶୀ ଦେଶ ?

ଙ)  ପୃଥିବୀକୁ ଦୁଇ ଭାଗରେ ବିଭକ୍ତ କରୁଥିବା କାଳ୍ପନିକ ବୃତ୍ତର ନାମ କଣ ?


ଚ)  କେଉଁ ରଙ୍ଗଟି ଗ୍ଲୋବରେ ଜଳଭାଗ ସୂଚାଉଅଛି ?

ଛ)  ଗ୍ଲୋବରେ ସୁମେରୁର ଦକ୍ଷିଣକୁ କେଉଁ ବୃତ୍ତ ଅଛି ?

୨.  ଆମ ପୃଥିବୀରେ ଥିବା ମହାଦେଶ ଓ ମହାସାଗରଗୁଡ଼ିକର ନାମ ଲେଖ ।

| ମହାଦେଶ | ମହାସାଗର |
|---|---|
| | |

୩. ତଳେ ଦିଆଯାଇଥିବା ଚିତ୍ରରେ ମକରକ୍ରାନ୍ତି, କର୍କଟକ୍ରାନ୍ତି, ସୁମେରୁ, ବିଷୁବ ରେଖା, କୁମେରୁ ବୃତ୍ତ, ସୁମେରୁ ବୃତ୍ତର ନାମ ଲେଖ ।



୪. ଭାରତର ସୀମାକୁ ଲାଗିଥିବା ଦେଶର ନାମ, ସାଗରର ନାମ ଓ ମହାସାଗରର ନାମ ଲେଖ ।

| ଦେଶ | ସାଗର / ମହାସାଗର |
|---|---|
| | |
| | |
| | |

**୫. ଅଲଗାଟିକୁ ବାଛି ପାଖ କୋଠରିରେ ଲେଖ ।**

କ) ବିଷୁବ ରେଖା, ମକରକ୍ରାନ୍ତି, ସୁମେରୁ, ସୁମେରୁ ବୃତ୍ତ,

ଖ) ଇଉରୋପ, ଆଫ୍ରିକା, ପାକିସ୍ତାନ, ଅଷ୍ଟ୍ରେଲିଆ,

ଗ) ଚୀନ୍, ମିଆଁମାର, ବଙ୍ଗଳାଦେଶ, ଥାଇଲ୍ୟାଣ୍ଡ୍,

**୬. ଶୂନ୍ୟସ୍ଥାନ ପୂରଣ କର ।**

କ) ପୃଥିବୀରେ ...............ଟି ମହାଦେଶ ଅଛି ।

ଖ) ପୃଥିବୀରେ ...............ଟି ମହାସାଗର ଅଛି ।

ଗ) ଭାରତର ଦକ୍ଷିଣରେ ଥିବା ମହାସାଗରଟିର ନାମ............... ।

ଘ) ପୃଥିବୀର ଜଳ ପ୍ରାୟ ............... ଟି ଭାଗ ଓ ସ୍ଥଳ ପ୍ରାୟ...............।

ଗ) ପୃଥିବୀରେ...............ଟି ମହାଦେଶ ଉଭୟ ଗୋଲାର୍ଦ୍ଧରେ ଅବସ୍ଥିତ ।

ଘ) ଭାରତର ଦକ୍ଷିଣରେ ଥିବା ମହାସାଗରଟିର ନାମ............... ।

୭. ଭୂଗୋଲକକୁ ଦେଖି ନିମ୍ନ ସାରଣୀରେ କେଉଁ ମହାଦେଶ କେଉଁ ଗୋଲାର୍ଦ୍ଧରେ ଅଛି ଲେଖ ଓ କେଉଁ ମହାଦେଶ ଉଭୟ ଗୋଲାର୍ଦ୍ଧରେ ଅଛି ଲେଖ ।

| ଗୋଲାର୍ଦ୍ଧ | ମହାଦେଶ |
|---|---|
| ଉତ୍ତର ଗୋଲାର୍ଦ୍ଧ | |
| ଦକ୍ଷିଣ ଗୋଲାର୍ଦ୍ଧ | |
| ଉଭୟ ଉତ୍ତର ଗୋଲାର୍ଦ୍ଧ ଓ ଦକ୍ଷିଣ ଗୋଲାର୍ଦ୍ଧ | |



**ଘରେ କରିବା ପାଇଁ କାମ :**

- ମାଟିରେ ଗ୍ଲୋବ ତିଆରି କରି ସେଥିରେ ଦୁଇଟି କ୍ରାନ୍ତି ବୃତ୍ତ ଏବଂ ବିଷୁବ ରେଖା ଦେଖାଅ ଓ ରଙ୍ଗ ଦିଅ ।
- ତୁମ ସ୍ଥାନରେ ମିଳୁଥିବା ଜିନିଷରେ ଗୋଟିଏ ଗ୍ଲୋବ ତିଆରି କରି, ଦୁଇଟି ଅର୍ଦ୍ଧବୃତ୍ତ, ଦୁଇଟି ବିଭିନ୍ନ କ୍ରାନ୍ତି ବୃତ୍ତ ଓ ବିଷୁବ ରେଖା ଓ ୨ ଟି ମେରୁ ଦେଖାଅ ।